Dy NO. 81
06/02/2020

OFFICE K.R.B NEW B.G.RAIL LINK PROJECT L.A ZONE ★ BOUDH ★
07 FEB 2020

# ଓଡିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

****

### ଘୋଷଣା

No RDM-LAB-BOUDH-0016-2018 – 2914 /R&DM, Dated 16 JAN 2020

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, ବୌଦ୍ଧ ଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ଶିଲେଟପଡା**, ଥାନା-ମନମୁଣ୍ଡା, ନଂ-୧୩୬ , ତହସିଲ-କଣ୍ଟାମାଳ , ଜିଲ୍ଲା- ବୌଦ୍ଧ ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଖୋର୍ଦ୍ଧା ରୋଡ ବଲାଙ୍ଗିର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୮୫୩୪, ତା. ୦୨/୦୮/୨୦୧୮ରିଖ ରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା-୪୧୯୪୩, ତା ୩୧/୧୨/୨୦୧୯ରିଖ ଅନୁସାରେ ଅଧିସୂଚନାର ବୈଧତା ତା **୩୧.୦୩.୨୦୨୦** ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା – **ଶିଲେଟପଡା**, ଥାନା-ମନମୁଣ୍ଡା, ନଂ-୧୩୬, ଜିଲ୍ଲା- ବୌଦ୍ଧ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

କ୍ରମଶଃ..............

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.boudh.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ http://revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧା ରୋଡ ବଲାଙ୍ଗିର ନୂତନ ଓସାରିଆ ରେଳପଥ , ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

## ତଫସିଲ- କ
## (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ତହସିଲ: - କଣ୍ଟାମାଳ

ଜିଲ୍ଲା: ବୌଦ୍ଧ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଶିଲେଟପଡା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧.୨୧୦ | ଏକର ୦.୬୪୦ | ଏଥି ସହିତ ସଂଲଗ୍ନ |

## ତଫସିଲ- ଖ
## (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁ ସୂଚୀ)

ତହସିଲ: -କଣ୍ଟାମାଳ

ଜିଲ୍ଲା:- ବୌଦ୍ଧ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ -୨୮/୧୦/୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ

(signature) ୧୦/୯/୨୦୨୦

ଅତିରିକ୍ତ ଶାସନ ସଚିବ

କ୍ରମଶଃ.............

## ଜମି ର ତାଲିକା

### ଖୋର୍ଦ୍ଧା ରୋଡ - ବଲାଙ୍ଗୀର ନୂତନ ଓସାରଆ ରେଳ ପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ ଅଧିଗ୍ରହଣର ବିବରଣୀ

**ଗ୍ରାମ: ସିଲେଟପଡା, ତହସିଲ : କଣ୍ଟାମାଳ, ଥାନା: ମନମୁଣ୍ଡା (ନଂ - ୧୩୬) , ଜିଲ୍ଲା: ବୌଦ୍ଧ**

ଏ.ବ୍ୟକ୍ତିଗତ. ଜମି

| କ୍ରମିକ ନଂ | ୧ | ୨ | ୩ | ୫ | ୪ | ୬ |
|---|---|---|---|---|---|---|
| | ଖତିୟାନ ନଂ | ପ୍ଲଟ ନଂ | ରକବା | ଅଧିଗ୍ରହଣ ରକବା | କିସମ | ଅଭିଲିଖିତ ରୟତ ନାମ |
| ୧ | ୧ | ୯ | ୦.୬୧୦ | ୦.୧୮୦ | ଶାରଦ-୨ | ଅକ୍ରୁର ଭୋଇ ପି-ଖଗେଶ୍ୱର ଭୋଇ ବା: ସିଲେଟପଡା |
| ୨ | | ୧୦ | ୦.୧୧୦ | ୦.୧୧୦ | ଶାରଦ-୨ | |
| ୩ | ୩୭ | ୪ | ୦.୧୪୦ | ୦.୦୯୦ | ଶାରଦ-୨ | ସରୋଜ ମିଶ୍ର, ଅଖିଳ ମିଶ୍ର, କପିଳ ମିଶ୍ର, ବାସନ୍ତି ମିଶ୍ର ପି-ରାମଚନ୍ଦ୍ର ମିଶ୍ର ବା: ସିଲେଟପଡା |
| ୫ | | ୬ | ୦.୩୫୦ | ୦.୨୭୦ | ଶାରଦ-୨ | |
| ମୋଟ | | | ୧.୨୧୦ | ୦.୬୫୦ | | |

Land Acquisition Zone Officer
Khurda-Road Bolangir New BG
Rail Link Project,Boudh

P.R.No. 187
06/02/2020

# ଭୂ ଅର୍ଜନ ମହାମଣ୍ଡଳ ଅଧିକାରୀଙ୍କ କାର୍ଯ୍ୟାଳୟ,
# ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧ

ଜ୍ଞାପକ ସଂଖ୍ୟା. ୮୦(୬)    ତାରିଖ ୦୬/୦୨/୨୦୨୦

ଉକ୍ତ ଘୋଷଣାର ଏକ କିତା ନକଲ ଜିଲ୍ଲାପାଳ, ବୌଦ୍ଧ/ଉପଜିଲ୍ଲାପାଳ, ବୌଦ୍ଧ/ ତହସିଲଦାର, କଣ୍ଟାମାଳ / ଉପନିବନ୍ଧକ, କଣ୍ଟାମାଳ /ସରପଂଚ, **ଗୁଡ୍ଭେଲିପଦର** ଗ୍ରାମପଂଚାୟତ ଏବଂ **ସିଲେଟପଡା** ଗ୍ରାମବାସୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା । ଅଧିସୂଚିତ ରକବା ଅପରିବର୍ତ୍ତିତ ।

ଭୂ ଅର୍ଜନ ମହାମଣ୍ଡଳ ଅଧିକାରୀ,
ଖୋର୍ଦ୍ଧା ରୋଡ୍- ବଲାଙ୍ଗୀର ନୂତନ ଓସାରିଆ
ରେଳପଥ ପ୍ରକଳ୍ପ, ବୌଦ୍ଧ